# ହେ ଭଗବାନ ! ଆଉ ଏକ ଜିନ ପରିବର୍ତ୍ତିତ (ଜିଏମ)ଫସଲ ! ଜମା ନୁହେଁ !!!

## ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରସ୍ତୁତ ଜିନ ପରିବର୍ତ୍ତିତ ସୋରିଷକୁ [ଜିଏମ ସୋରିଷ] ମନା କରିବାର ୨୫ ଟି କାରଣ :

ଆପଣମାନଙ୍କର ନିଶ୍ଚୟ ମନେ ଥିବ ୨୦୧୦ରେ ବିଟି ବାଇଗଣ ପରି ଜିଏମ ଖାଦ୍ୟ ଫସଲ ପ୍ରଚଳନକୁ ଦେଶର ସର୍ବସାଧାରଣ ଜନତା ମନା କରିଦେଇଥିଲେ । କାରଣ ଆମେ ତାହା ଚାହୁଁ ନଥିଲୁ କି ଆମ ପାଇଁ ଦରକାର ନ ଥିଲା ଓ ଆମ ପାଇଁ ଅସୁରକ୍ଷିତ ବି ଥିଲା । ପ୍ରବଳ ବିରୋଧ ଯୋଗୁଁ ଭାରତ ସରକାର ବାଧ୍ୟ ହୋଇ ବିଟି ବାଇଗଣର ବ୍ୟବସାୟିକ ପ୍ରଚଳନ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରିଲେ – 'ସମାଜ ପ୍ରତି କର୍ତ୍ତବ୍ୟବୋଧତା ଓ ବିଜ୍ଞାନ ପ୍ରତି ଦାୟିତ୍ୱବୋଧତା' ଦୃଷ୍ଟିରୁ ଏହା କରିଛନ୍ତି ବୋଲି କହିଥିଲେ ।

ଆଉ ଏକ ଜିଏମ ଫସଲ ବିଟି କପା ଭାରତରେ ଚାଷ କରାଯାଉଛି । ଏହାର ପ୍ରଚଳନ ଫଳରେ କପା ଉତ୍ପାଦନ ବୃଦ୍ଧି ପାଇଛି ବୋଲି ଯାହା କୁହାଯାଉଥିଲା, ଦୀର୍ଘ ୧୫ ବର୍ଷ ପରେ ତାହା ମିଛ ବୋଲି ପ୍ରମାଣିତ ହୋଇଛି । ଯେଉଁ ପୋକ ଦାଉରୁ କପାକୁ ରକ୍ଷା କରିବା ପାଇଁ ବିଟି କପା ବ୍ୟବହାର କରାଯାଇଥିଲା ସେହି ପୋକ ଏବେ କୀଟନାଶକ ନିରୋଧକ ହୋଇଯାଇଛି । ତେଣୁ ଚାଷୀମାନେ କପା ଫସଲରେ ଅଧିକରୁ ଅଧିକ କୀଟନାଶକ ପକାଇ ଚାଲିଛନ୍ତି । ମନସାଣ୍ଟୋ କମ୍ପାନୀ ବିହନ ବଜାରରେ ଏକଛତ୍ର ଶାସନ ଜାହିର କରି ଚାଲିଛି ଏବଂ ଦେଶରେ ଚାଷୀ ଆତ୍ମହତ୍ୟା ସଂଖ୍ୟା ବଢି ବଢି ଚାଲିଛି । ଜାଣି ରଖିବା କଥା ଯେ ଆତ୍ମହତ୍ୟା କରୁଥିବା ଚାଷୀଙ୍କ ମଧ୍ୟରୁ ଅଧିକାଂଶ ବିଟି କପା ଚାଷୀ ଅଟନ୍ତି ।

ଏବେ ୨୦୧୬ ରେ ଆଉ ଏକ ଜିଏମ ଖାଦ୍ୟ ଫସଲ – ସୋରିଷର ବ୍ୟବସାୟିକ ପ୍ରଚଳନ ସକାଶେ ଅନୁମତି ଦେବା ପାଇଁ ଉଦ୍ୟମ ଚାଲିଛି । ଦେଶର ଆଇନ ଅନୁଯାୟୀ ଏଥି ସମ୍ବନ୍ଧୀୟ ସମସ୍ତ ଆବଶ୍ୟକୀୟ ପରୀକ୍ଷା-ନିରୀକ୍ଷା କରି ସାରିଥିବାର ଓ ଜୈବିକ ଦୃଷ୍ଟିରୁ ସୁରକ୍ଷିତ ଥିବାର ପ୍ରସ୍ତୁତକାରୀ ଦର୍ଶାଇ GEAC (Genetic Engineering Appraisal Committee)କୁ ଆବେଦନ କରିଛନ୍ତି । ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଭୁକ୍ତ Centre for Genetic Manipulation of Crop Plants (CGMCP) ଏହାର ପ୍ରସ୍ତୁତକର୍ତ୍ତା ଅଟନ୍ତି । ଏଥିରେ ୩ଟି ଭିନ୍ନ ଭିନ୍ନ ଜିନ ସଙ୍ଗମ କରାଯାଇ ଏକ ହାଇବ୍ରିଡ ପ୍ରସ୍ତୁତ କରାଯାଇଛି ।

ଏଥି ସହିତ ସଂଶ୍ଳିଷ୍ଟ ପ୍ରଯୁକ୍ତି ବିଦ୍ୟାଟି ଏହିପରି –
୧.ପ୍ରଥମେ ପ୍ରାକୃତିକ ସୋରିଷ ଗଛରେ ଏକ ବୀଜାଣୁ ଜିନ ପୁରାଇ ଅଣ୍ଡିରା ଫୁଲର ପ୍ରଜନନ କ୍ଷମତା ନଷ୍ଟ କରିଦେବା,
୨.ଦ୍ୱିତୀୟରେ, ସେଥିରେ ଚୟନ କରାଯାଇଥିବା ସୋରିଷ ପ୍ରଜାତିର ପୁରୁଷ ପ୍ରଜନନ କ୍ଷମତା ଭର୍ତ୍ତି କରିବା, ଯାହା ଫଳରେ ଫସଲ ଉତ୍ପାଦନ ଅଧିକ ହେବ, କିନ୍ତୁ ପରବର୍ତ୍ତୀ ଫସଲରେ ମଧ୍ୟ ବୀଜାଣୁର ଜିନ ରହିବ,
୩.ତୃତୀୟରେ, ଏଥିରେ ତୃଣନାଶକ ସହ୍ୟ କରିପାରୁଥିବା ଏକ ଜିନ ସମ୍ମିଶ୍ରଣ କରିବା, ଯାହା ଫଳରେ ଫସଲରେ ଅଧିକ ତୃଣନାଶକ ପକାଇ ହେବ ।

ଜଣାଯାଇଛି ଯେ ଆମେ ଦେଉଥିବା କର/ଟିକସ ପାଣ୍ଠିରୁ ୧୦୦ କୋଟିରୁ ଅଧିକ ଅର୍ଥ ବ୍ୟୟ କରାଯାଇ ଏହି ଜିଏମ ଫସଲ ପ୍ରସ୍ତୁତି ଓ ପରୀକ୍ଷା କରାଯାଇଛି । ଏଥିପାଇଁ ବିଜ୍ଞାନ ଓ ପ୍ରଯୌକ୍ତିକ ମନ୍ତ୍ରଣାଳୟ ଅନ୍ତର୍ଭୁକ୍ତ National Dairy Development Board (NDDB) ଓ Department of Biotechnology (DBT)କୁ ଅନେକ ଅର୍ଥ ଦିଆଯାଇଛି । ମାତ୍ର ବିଡମ୍ବନା ଏହିକି ଯେ NDDB ଦ୍ୱାରା ପ୍ରସ୍ତୁତ ଧାରା ତେଲ ପ୍ରକଳ୍ପ ବର୍ତ୍ତମାନ ବନ୍ଦ କରିଦିଆଯାଇଛି; ବଦଳରେ ସେହି ଅର୍ଥରେ ବର୍ତ୍ତମାନ ଏକ ଜିଏମ ଫସଲ ତାଙ୍କୁ ଦିଆଯାଉଛି । ଜନସାଧାରଣଙ୍କୁ ଏ ବିଷୟ ଅଗୋଚର ।

**ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରସ୍ତୁତ ଏହି ଜିଏମ ସୋରିଷ ଫସଲ ପ୍ରଚଳନକୁ ବିରୋଧ କରିବା ଓ ଆମ ଦେଶବାସୀଙ୍କୁ ଏ ପ୍ରକାର ଏକ ଦାୟିତ୍ୱହିନ, ଅସୁରକ୍ଷିତ ବିପଦଜନକ ପରୀକ୍ଷାର ମାଧ୍ୟମ ନ କରିବା ଉଦ୍ଦେଶରେ ୨୫ଟି କାରଣ ଏଠାରେ ଉପସ୍ଥାପନ କରୁଛୁ ।**

**୧। ଜିନ ପରିବର୍ତ୍ତନ କୌଶଳ ଅସୁରକ୍ଷିତ ଅଟେ ।** ଜୀବନ୍ତ ପ୍ରାଣୀ/ଉଦ୍ଭିଦଙ୍କର ଜିନ ପରିବର୍ତ୍ତନ ଏକ ଅପ୍ରାକୃତିକ ଓ ଅନିର୍ଦ୍ଦିଷ୍ଟ କୌଶଳ । ଏହାର ପରିଣାମ ଆଶଙ୍କା ଜନକ । ପ୍ରକୃତିରେ ଥରେ ଏହାର ପ୍ରସାର ହେଲେ ନିୟନ୍ତ୍ରଣ କରିହେବ ନାହିଁ କି ପୂର୍ବ ଅବସ୍ଥା ଫେରାଇ ଆଣିହେବ ନାହିଁ । ଆମ ଖାଦ୍ୟ ଓ କୃଷି ବ୍ୟବସ୍ଥାରେ ଏହାର ପ୍ରଚଳନ ବିପଦଜନକ । ଏହା ଦ୍ୱାରା ଆମର ସ୍ୱାସ୍ଥ୍ୟ ଓ ପରିବେଶ ଉପରେ ଅନେକ କୁପ୍ରଭାବ ପଡିବ । କୃଷକ ପାଖରେ ବେଶୀ କିଛି ଉପାୟ ରହିବନି, କୃଷି କ୍ଷେତ୍ରରେ ଅଧିକ ବିପଦ ଆଶଙ୍କା ବଢିବ, ଖାଉଟିମାନେ ଏ ଶସ୍ୟକୁ ନାପସନ୍ଦ କରିପାରନ୍ତି ।

(ଜିଏମ ଫସଲ/ଖାଦ୍ୟର ବିଭିନ୍ନ କୁପ୍ରଭାବ ବିଷୟରେ ଅନେକ ବୈଜ୍ଞାନିକ ତଥ୍ୟ ସଙ୍କଳନ କରାଯାଇ http://indiagminfo.org/?p=657ରେ ଦିଆଯାଇଛି ।)

**୨। ତୃଣନାଶକ ସହ୍ୟ କରିପାରୁଥିବା ଜିଏମ ଅନ୍ୟ କେତେକ ଫସଲ ପ୍ରଚଳନ ପାଇଁ ଜିଏମ ସୋରିଷ ବାଟ ଖୋଲିଦେବ ।** ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଆବେଦନ କରିଥିବା ଜିଏମ ସୋରିଷ ଫସଲ ତୃଣନାଶକ  ସହନଶୀଳ ଅଟେ । କିନ୍ତୁ ଆଶ୍ଚର୍ଯର କଥା, ତାଙ୍କ ଆବେଦନ ପତ୍ରରେ ଏହା ଉଲ୍ଲେଖ କରାଯାଇ ନାହିଁ କି ତୃଣନାଶକ ସହନଶୀଳ ଫସଲ ଭାବରେ ଏହାର ଅବଶ୍ୟମ୍ଭାବୀ ବିପଦ ସମ୍ପର୍କରେ କିମ୍ବା ଅଧିକ ତୃଣନାଶକ ପ୍ରୟୋଗର ଫଳାଫଳ ବିଷୟରେ କୌଣସି ପରୀକ୍ଷା କରାଯାଇ ନାହିଁ । ଆମେ ଜାଣୁ ଯେ କେତେକ ଦେଶୀୟ ଓ ବହୁଦେଶୀୟ କମ୍ପାନୀ ଏବେ ଅନେକଗୁଡିଏ ତୃଣନାଶକ ସହନଶୀଳ ଫସଲ ପ୍ରଚଳନ ସକାଶେ ଅନୁମତି ଅପେକ୍ଷାରେ ଅଛନ୍ତି ଜିଏମ ସୋରିଷ ଫସଲ ପ୍ରଚଳନ ହେଲେ ଏକ ଫନ୍ଦି-ଫିକର ମାତ୍ର ।

**୩। କୃଷକ, କୃଷିଭିତ୍ତିକ ଶ୍ରମିକ ଓ ଉପଭୋକ୍ତାଙ୍କ ଉପରେ  ଜିଏମ ତୃଣନାଶକ ସହନଶୀଳ ଫସଲର କୁପ୍ରଭାବ ଅନେକ ।** କୃତ୍ରିମ ରାସାୟନିକ ତୃଣନାଶକ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ । ଉଦାହରଣ ସ୍ୱରୂପ, ଗ୍ଲାଇଫୋସେଟ (glyphosate) ସହନଶୀଳ ଜିଏମ ଫସଲ ପ୍ରଚଳନ ପରେ ଏହାର ବ୍ୟବହାର ବହୁ ମାତ୍ରାରେ ବୃଦ୍ଧି ପାଇଛି । ଦଶ ବର୍ଷରୁ ଅଧିକ ସମୟ ଧରି ଯେଉଁ ଗ୍ଲାଇଫୋସେଟକୁ ସୁରକ୍ଷିତ କୁହାଯାଉଥିଲା, ଏହା ମନୁଷ୍ୟ ଶରୀରରେ କ୍ୟାନସର ସୃଷ୍ଟିକରିବାର ସମ୍ଭାବ୍ୟ କାରକ ବୋଲି WHO ୨୦୧୫ ଆରମ୍ଭରେ ଘୋଷଣା କରିଛନ୍ତି  । ତୃଣନାଶକ ସହନଶୀଳ ଫସଲ ଚାଷ କରିବା ଫଳରେ ବାସ୍ତବରେ ସାଧାରଣ ଅନାବନା ଘାସ ଯାଇ ନୂଆ ଅନାବନା ଘାସ ଜନ୍ମନେଉଛି । ଘାସ ବ୍ୟତୀତ ମୃତ୍ତିକା  ସ୍ୱାସ୍ଥ୍ୟ ଓ ଅନ୍ୟ ଜୀବ/ଜୀବାଣୁ କ୍ଷତିଗ୍ରସ୍ତ ହେଉଥିବାର ତଥ୍ୟ ସଂଗୃହିତ ହୋଇଛି । ଆମ ଦେଶରେ ଅନେକ ମହିଳା ବିଲରୁ ଘାସ ବଛାବଛି କରି ରୋଜଗାର କରିଥାଆନ୍ତି । ତୃଣନାଶକ ସହନଶୀଳ ଜିଏମ ଫସଲ ପ୍ରଚଳନ ହେଲେ ତାଙ୍କ ରୋଜଗାର ଆଉ ରହିବ ନାହିଁ  । ତା ଛଡା ଅନାବନା କୁହାଯାଉଥିବା ଘାସ ମଧ୍ୟରୁ ଅନେକଗୁଡିଏ ଖାଦ୍ୟ ଉପଯୋଗୀ ଓ କେତେଗୁଡିଏ ଔଷଧୀୟ ଗୁଣ ଯୁକ୍ତ , ଆହୁରି କେତେକ ଗୋଖାଦ୍ୟ ଅଟେ । ଅଧିକନ୍ତୁ ତୃଣନାଶକ ସହନଶୀଳ ଫସଲ କଲେ ମିଶ୍ରିତ ଚାଷ ଆଉ ହୋଇପାରିବ ନାହିଁ; ଯଦିଚ ଆମେ ଜାଣୁ ଯେ ବର୍ତ୍ତମାନର ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ମିଶ୍ରିତ ଚାଷ ହିଁ ଆମ ଖାଦ୍ୟ ସୁରକ୍ଷା ବ୍ୟବସ୍ଥାକୁ ଦୃଢତର କରିପାରିବ । ଜାଣି ରଖିବା ଆବଶ୍ୟକ ଯେ ଆମେରିକାରେ ଚାଷୀ-ଚାଷୀ ଭିତରେ ଗଣ୍ଡଗୋଳର ଏକ ପ୍ରମୁଖ କାରଣ ଏହି ଜିଏମ ତୃଣନାଶକ ସହନଶୀଳ ଫସଲ । ଏଠାରେ ପ୍ରତ୍ୟେକ ଚାଷୀର ଶହଶହ ଏକର ଚାଷ ଜମି ଥାଏ । ଜଣେ  ତୃଣନାଶକ ସହନଶୀଳ ଫସଲ ଚାଷ କଲେ ପାଖ ପଡୋଶୀ ଜମିର ଫସଲ ବି ସଂକ୍ରମିତ ହୋଇଥାଏ । ଆମ ଦେଶରେ ଚାଷୀଙ୍କର ଜମି ପରିମାଣ ସେହି ତୁଳନାରେ ବହୁତ କମ, ପୁଣି ବିଲଗୁଡିକ ଛୋଟ-ଛୋଟ ଓ ଲଗାଲଗି । ଜିଏମ ସୋରିଷ ଚାଷ କରି ଅଧିକ ଉତ୍ପାଦନ ପାଇବା ନାମରେ ଆମେ କଣ ଏସବୁ ପାଇବାକୁ ଚାହୁଁ ?

**୪। ପୁରୁଷ ବନ୍ଧ୍ୟାକରଣ ପ୍ରକ୍ରିୟା ଯୋଗୁଁ ଅନିଚ୍ଛା ସତ୍ତ୍ୱେ କୃଷକ ବିହନ ସାର୍ବଭୌମତ୍ୱ ଓ ବିବିଧତା ହରାଇବେ ।** ଜଣେ ଜିଏମ ସୋରିଷ ଚାଷ କଲେ, ପାଖ କ୍ଷେତର ସୋରିଷ ଫସଲ ବି କଳୁଷିତ ହେବ । ସିଏ ଅନ୍ୟ ଯେଉଁ  କିସମର ସୋରିଷ ଚାଷ କରିଥିଲେ ବି ତାର ଫସଲରେ ପୁରୁଷ ବନ୍ଧ୍ୟାକରଣ ପ୍ରକ୍ରିୟା ଦେଖାଯାଇପାରେ । ଫଳରେ ସିଏ ବି ନିଜ ବିହନ ରଖି ପାରିବ ନାହିଁ । ଜାଣିଶୁଣି ଚାଷ କରିଥିବା ଚାଷୀ ତ ନିଶ୍ଚୟ ପ୍ରତିବର୍ଷ ବିହନ କିଣିବ, ନ ଚାହୁଁ ଥିବା ଚାଷୀ ବି ସେଇ ବିହନ କିଣିବ । ଏହା ଫଳରେ ବିହନର ବିବିଧତା ବି ଲୋପ ପାଇବ ।

**୫। ଜିଏମ ସୋରିଷ ଫସଲ ଚାଷରୁ ଅମଳ ଅଧିକ ହେବାର ଦାବୀ ମିଛ ।** ପ୍ରମାଣ ମିଳିଛି ଯେ ପରୀକ୍ଷା ସମୟରେ କେତେକ ଅସତ ଉପାୟ ଅବଲମ୍ବନ କରି ଜିଏମ ସୋରିଷ ଫସଲ ଅମଳ ବିଷୟରେ ମିଛ ଧାରଣା ଦିଆଯାଇଛି, ଯାହା କି ଏହାର କ୍ଷେତ୍ର ପରୀକ୍ଷା ପାଇଁ ନିଷ୍ପତ୍ତି ନେବାର ପ୍ରକ୍ରିୟା ଓ ସର୍ତ୍ତକୁ ଅବମାନନା କରିଛି । ଅଧିକ ଅମଳକ୍ଷମ ସୋରିଷ ପ୍ରଜାତିର ଅମଳହାର ସହ ଜିଏମ ସୋରିଷର ଅମଳ ହାର ତୁଳନା କରିବା ପରିବର୍ତ୍ତେ ଯେଉଁ ଅତି ପୁରୁଣା ସୋରିଷ ପ୍ରଜାତିର ଅମଳ କମ, ତାହା ସହିତ ତୁଳନା କରାଯାଇଛି ଓ ଜିଏମ ସୋରିଷର ଅମଳହାର ୨୮% ଅଧିକ ବୋଲି ଦର୍ଶାଯାଇଛି । ତେଣୁ ପ୍ରକୃତ ପକ୍ଷେ ଜିଏମ ସୋରିଷ ଚାଷୀ କି ଖାଉଟି କାହାରି ପାଇଁ ଲାଭଦାୟକ ନୁହେଁ ।

**୬। ହାଇବ୍ରିଡ ସୋରିଷ ଯୋଗୁଁ ଉତ୍ପାଦନ ବୃଦ୍ଧି ପାଇ ନାହିଁ କି ଦେଶର ତେଲ ଆମଦାନୀ ବାବଦକୁ ଅର୍ଥ ବ୍ୟୟ ହ୍ରାସ ହୋଇ ନାହିଁ ।** ଜିଏମ ସୋରିଷ ପ୍ରଚଳନ ପାଇଁ ଆବେଦକମାନେ ଲେଖିଛନ୍ତି ଯେ ଏହା ଚାଷ କାଲେ ଦେଶରେ ସୋରିଷ ଉତ୍ପାଦନ ପରିମାଣ ଅଧିକ ହେବ ଓ ତେଲ ଆମଦାନୀ ବାବଦକୁ ଖର୍ଚ୍ଚ କମିଯିବ । ମାତ୍ର ସରକାରୀ ତଥ୍ୟ ଅନୁସାରେ ହାଇବ୍ରିଡ ସୋରିଷ ପ୍ରଚଳନ ଫଳରେ ଦେଶର ତୈଳ ଉତ୍ପାଦନରେ କିଛି ବୃଦ୍ଧି ହୋଇ ନାହିଁ କି ଆମଦାନୀ ଖରଚ କିଛି କମି ନାହିଁ  । ତେଣୁ ଜିଏମ ସୋରିଷ ପ୍ରଚଳନ କାଲେ ଲାଭ ମିଳିବାର ସମ୍ଭାବନା ବିଷୟରେ ଦାବୀ କେବଳ ଅନୁଭୂତିବିହୀନତା ଓ ଅତିରଞ୍ଜନତାର ପରିଚୟ ଦିଏ ।

**୭। ଦିଲ୍ଲୀ ବିଶ୍ୱ ବିଦ୍ୟାଳୟର ଜିଏମ ସୋରିଷ ସହ ବେୟାର କମ୍ପାନୀ ପ୍ରସ୍ତୁତ ଜିଏମ ସୋରିଷର ସାମଞ୍ଜସ୍ୟ ଅଛି । ବେୟାର ଜିଏମ ସୋରିଷକୁ ଆମ ଦେଶର ନିୟନ୍ତ୍ରକମାନେ ୨୦୦୨ରେ ପ୍ରତ୍ୟାଖାନ କରିଥିଲେ** । ବେୟାର ନିୟନ୍ତ୍ରିତ ପ୍ରୋ-ଆଗ୍ରୋ ନାମକ ଏକ କମ୍ପାନୀ ୨୦୦୨ ମସିହାରେ ଏହିପରିକା ଜିଏମ ସୋରିଷ ପ୍ରଚଳନ ପାଇଁ କରିଥିବା ଆବେଦନକୁ କେତେକ କାରଣ ଦର୍ଶାଇ ନାକଚ କରାଯାଇଥିଲା । ICAR (Indian Council of Agricultural Research) ଘୋଷଣା କରିଥିଲେ ଯେ ସେମାନେ ଏଥି ସମ୍ବନ୍ଧିତ ପରୀକ୍ଷା ଏବଂ ଫଳାଫଳରେ ସନ୍ତୁଷ୍ଟ ନୁହନ୍ତି । ସୋରିଷ କେବଳ ଏକ ତୈଳବୀଜ ନୁହେଁ । ଏହାର ପତ୍ର ଓ ମଞ୍ଜିକୁ ଲୋକେ ପରିବା ହିସାବରେ ମଧ୍ୟ ବ୍ୟବହାର କରନ୍ତି ।  ଯେଉଁ ଅଞ୍ଚଳରେ ଜିଏମ ସୋରିଷର ଆବଶ୍ୟକତା ନାହିଁ, ସେସବୁ ଅଞ୍ଚଳରେ ଏହାର ପ୍ରସାରଣ କିପରି ନିୟନ୍ତ୍ରଣ କରାଯାଇପାରିବ, ତାର ଉତ୍ତର କାହାରି ପାଖରେ ନ ଥିଲା । ଜିଏମ ସୋରିଷ ବିହନ ପ୍ରସ୍ତୁତକାରିମାନେ ଯେତେ ମନା କଲେ ବି ତାହା ଯେ ତୃଣନାଶକ ସହନଶୀଳ ଥିଲା ଜଣାପଡିଥିଲା ଓ ସେଇଥି ଯୋଗୁଁ ନିୟନ୍ତ୍ରକମାନେ ବେଆଇନ ତୃଣନାଶକ ପ୍ରୟୋଗ ନିୟନ୍ତ୍ରଣ କରିବା କଷ୍ଟକର ବୋଲି ଦର୍ଶାଇ ଏହାକୁ ନାକଚ କରିଥିଲେ । ଏହି ସମସ୍ତ ବିଷୟ ଏବେକାର ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସୋରିଷ କ୍ଷେତ୍ରରେ ମଧ୍ୟ ପ୍ରଯୁଜ୍ୟ ।

**୮। ଜିଏମ ସୋରିଷ ଅନ୍ୟ ଜିଏମ ଫସଲ ପାଇଁ Trojan Horse** । ଏକ ସରକାରୀ ପ୍ରତିଷ୍ଠାନ ତରଫରୁ ଏଇ ଜିଏମ ସୋରିଷ ପ୍ରଚଳନ କରିବାର ପ୍ରୟାସ କରାଯାଉଛି, ସତେ ଅବା ସରକାରୀ ଜିଏମ ଫସଲଟି ଆପେ ଆପେ ଘରୋଇ ପ୍ରତିଷ୍ଠାନର ଜିଏମ ଫସଲ ଠାରୁ ଅଧିକ ଜୈବସୁରକ୍ଷିତ ହୋଇଯିବ ! ଜିଏମ ଖାଦ୍ୟ ଓ ଫସଲକୁ ଜନସାଧାରଣଙ୍କ ବିରୋଧ ଦେଖି ମନସାଣ୍ଟୋ ପରି ବଡ ବଡ ବହୁରାଷ୍ଟ୍ରୀୟ କମ୍ପାନୀମାନେ ବହୁ ପୂର୍ବରୁ ପ୍ରସ୍ତୁତ କରିଥିବା ଜିଏମ ଫସଲ ପାଇଁ ଆବେଦନଗୁଡିକ ବର୍ତ୍ତମାନ ସ୍ଥଗିତ ରଖିଛନ୍ତି । ସମସ୍ତେ ଚାହିଁ ବସିଛନ୍ତି ସରକାରୀ ପ୍ରତିଷ୍ଠାନର ଜିଏମ ଫସଲ ଅନୁମତି ପାଇଗଲେ ତାଙ୍କ ପାଇଁ ପଥ ସୁଗମ ହୋଇଯିବ । ବାସ୍ତବରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଜିଏମ ସୋରିଷ ଏକ ଛଦ୍ମବେଶୀ ଆଗୁଆ ପଥ ପ୍ରଦର୍ଶକ ।



**୯। ଜିଏମ ସୋରିଷ କୃଷି ଭିତ୍ତିକ ବ୍ୟବସାୟ ପାଇଁ ଲାଭପ୍ରଦ ହେବ ।** ବାର ଜିନ (ତୃଣନାଶକ ସହନଶୀଳତା ଗୁଣ) ପାଇଁ ଜର୍ମାନ କମ୍ପାନୀ ବେୟାର କ୍ରପ ସାଇନ୍ସ ସବୁଠାରୁ ଅଧିକ ସଂଖ୍ୟାରେ ସତ୍ୱ ଅଧିକାର ଦାବି (patent) ଆବେଦନ କରିଛି । କୌତୁହଳର କଥା ଯେ ଯେଉଁ Glufosinate ammonium ନାମକ ତୃଣନାଶକ ସହନଶୀଳତା ପାଇଁ ଜିଏମ ସୋରିଷ ପ୍ରସ୍ତୁତ କରାଯାଇଛି, ସେଇଟି ବେୟାର କମ୍ପାନୀ ଦ୍ୱାରା ଭାରତୀୟ ବଜାରରେ ବିକ୍ରି ହେଉଛି । ଏଥିରୁ ସ୍ପଷ୍ଟ ବୁଝାଯାଇପାରେ ଯେ ଘରୋଇ କମ୍ପାନୀର ବ୍ୟବସାୟିକ ଲାଭ ବଢାଇବା ଉଦ୍ଦେଶରେ ସରକାରୀ ପ୍ରତିଷ୍ଠାନ ଦ୍ୱାରା ଜିନ ପରିବର୍ତ୍ତିତ ସୋରିଷ ପ୍ରସ୍ତୁତ କରାଯାଇଛି; ଚାଷୀ ବା ଖାଉଟିଙ୍କ ହିତ ପାଇଁ ନୁହେଁ, ବରଂ ବିହନ ପ୍ରସ୍ତୁତି/ବିକ୍ରି କରି ଅଧିକ ଲାଭ ରୋଜଗାର କରିବା ପାଇଁ ଘରୋଇ କମ୍ପାନୀଙ୍କ ପାଇଁ ବାଟ ପରିଷ୍କାର କରାଯାଇଛି ! ପ୍ରକୃତରେ ଚାଷୀଙ୍କ ହାତରେ ଅଧିକ ଉତ୍ପାଦନକ୍ଷମ ସୋରିଷ ବିହନ ତ ଅଛି !

**୧୦। ସବୁ ରାଜ୍ୟ ସରକାର, ଏପରିକି ଯେଉଁ ରାଜ୍ୟ ମାନଙ୍କରେ ସୋରିଷ ଚାଷ ଅଧିକ ହୁଏ, ସେମାନେ ଜିଏମ ସୋରିଷ କ୍ଷେତ୍ର ପରୀକ୍ଷା ବି କରିବାକୁ ଚାହୁଁନାହାନ୍ତି । କୃଷକ ସଂଗଠନ, ବୈଜ୍ଞାନିକ ଓ ଆହୁରି ଅନେକେ ଏହାର ବିରୋଧ କରୁଛନ୍ତି** – ରାଜସ୍ଥାନ, ମଧ୍ୟ ପ୍ରଦେଶ ଓ ହରିୟାନା ପରି ଅଧିକ ସୋରିଷ ଉତ୍ପାଦନ କରୁଥିବା ରାଜ୍ୟମାନେ ନିଜ ନିଜ ରାଜ୍ୟରେ ଜିଏମ ସୋରିଷର କ୍ଷେତ୍ର ପରୀକ୍ଷା ବି କରାଇବାକୁ ଚାହିଁଲେ ନାହିଁ । ଆମ ଦେଶ ଭାରତ ବର୍ଷର ସମ୍ବିଧାନ ଅନୁସାରେ କୃଷି କ୍ଷେତ୍ର ରାଜ୍ୟ ସରକାରଙ୍କ ପରିଚାଳନା ଅନ୍ତର୍ଭୁକ୍ତ ହୋଇଥିବାରୁ କୌଣସି ଜିଏମ ଫସଲ ପ୍ରଚଳନ କରିବାକୁ ହେଲେ ରାଜ୍ୟ ସରକାରଙ୍କ ମତାମତ ନେବାକୁ ପଡେ । ବିଟି ବାଇଗଣ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରିବା ପଛରେ ଏହା ମୁଖ୍ୟ କାରଣ ଥିଲା । ଜିଏମ ଫସଲ ଚାହୁଁ ନ ଥିବା ରାଜ୍ୟକୁ ଏହାର ଅନୁପ୍ରବେଶ ରୋକିବାକୁ କେନ୍ଦ୍ର ସରକାରଙ୍କ ପାଖରେ କୌଣସି ଉପାୟ ନାହିଁ  । କେବଳ କେନ୍ଦ୍ର ସରକାରଙ୍କ ଇଚ୍ଛା ବଳବତ୍ତର କଲେ ଗଣତାନ୍ତ୍ରିକ ଧାରା ରହିବା କେମିତି ?

ଦେଶର ଅଧିକାଂଶ ବଡ ବଡ କୃଷକ ସଙ୍ଗଠନ ଜିଏମ ସୋରିଷ ପ୍ରଚଳନ ବିରୁଦ୍ଧରେ ବକ୍ତବ୍ୟ ଦେଇଛନ୍ତି । ବୈଜ୍ଞାନିକମାନେ ଏହାର ପ୍ରଚଳନ ପାଇଁ ଅନୁମତି ନ ଦେବାକୁ ସରକାରଙ୍କୁ ଲିଖିତ ମତାମତ ଦେଇଛନ୍ତି । ହଜାର ହଜାର ସଂଖ୍ୟାରେ ସାଧାରଣ ଜନତା ଏହାର ବିରୋଧ କରି ସରକାରଙ୍କୁ ଲେଖୁଛନ୍ତି ।

**୧୧। ସୋରିଷ ବିବିଧତାର କେନ୍ଦ୍ର ଆମ ଦେଶ ଭାରତ ବର୍ଷ** – ବାଇଗଣ ପରି ସୋରିଷର ବିବିଧତା ଆମ ଦେଶରେ ସର୍ବାଧିକ । କେତେକ ବୈଜ୍ଞାନିକଙ୍କ ମତରେ ସୋରିଷର ଜନ୍ମ ଏଇ ଦେଶରେ । ୨୦୦୪ରେ କୃଷି ମନ୍ତ୍ରଣାଳୟ ଦ୍ୱାରା ଗଠିତ ଡଃ ସ୍ୱାମିନାଥନଙ୍କ ନେତୃତ୍ୱରେ ପରିଚାଳିତ ଟାସ୍କ ଫୋର୍ସର ରିପୋର୍ଟ ଠାରୁ ଆରମ୍ଭ କରି ୨୦୧୩ ମସିହାର ସୁପ୍ରିମ କୋର୍ଟର ଟେକ୍ନିକାଲ କମିଟି ରିପୋର୍ଟ ପର୍ଯ୍ୟନ୍ତ ସବୁଥିରେ, ଆମ ଦେଶ ଯେଉଁ ସବୁ ଫସଲର ଜନ୍ମସ୍ଥାନ ବା ବିବିଧତାର କେନ୍ଦ୍ର, ସେସବୁ ଫସଲ ସହ ପ୍ରୟୋଗାତ୍ମକ ପରୀକ୍ଷା ଆଦୌ ନ କରିବାକୁ ପରାମର୍ଶ ଦେଇଛନ୍ତି । ଏହି କାରଣ ଆଧାରରେ ହିଁ ସରକାର ବିଟି ବାଇଗଣ ପ୍ରଚଳନ ଉପରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ନିଷେଧାଜ୍ଞା ଜାରି କରିଛନ୍ତି ।

**୧୨। ଜିଏମ ସୋରିଷର ପ୍ରଭାବ ନିରୋଧ କରିବା ଅସମ୍ଭବ, ଅନ୍ୟ ପ୍ରଜାତି ସହ ସଂକ୍ରମଣ ଅବଶ୍ୟମ୍ଭାବୀ ।** ସାରା ବିଶ୍ୱର ବିଭିନ୍ନ ସ୍ଥାନର ଉଦାହରଣ; ଏପରିକି ଜିଏମ ସୋରିଷ ପ୍ରସ୍ତୁତକାରୀଙ୍କ ନିଜ ଉକ୍ତି ହିଁ ପ୍ରମାଣ କରେ ଯେ ଜିଏମ ସୋରିଷର ପ୍ରଭାବ ନିରୋଧ କରିବା ଅସମ୍ଭବ, ଅନ୍ୟ କିସମ ସହ ସଂକ୍ରମଣ ଅବଶ୍ୟମ୍ଭାବୀ । ଏଇ ଜିଏମ ସୋରିଷ ଆମ କ୍ଷେତକୁ ଆସିଲେ ଆମ ପାଖରେ ଥିବା ସୋରିଷର ଜୀବ ତତ୍ତ୍ୱ ଓ ଶରୀର ତତ୍ତ୍ୱ ପ୍ରଦୂଷିତ ହେବ ନିଶ୍ଚୟ । ଅନ୍ୟାନ୍ୟ ଗଛ, ବୃକ୍ଷ, ଘାସ ସହିତ ନୂଆ ଅନାବନା ଘାସ ଜନ୍ମିବା, ଜୈବିକ ଚାଷ କରୁଥିବା ଚାଷୀ ସେହି ପ୍ରକ୍ରିୟାକୁ ବଜାୟ ରଖିବା, ଜୈବିକ ଚାଷୀ ଭାବେ ସ୍ୱୀକୃତି ପାଇବା ଆଦି ପ୍ରମୁଖ ସମସ୍ୟା ରୂପେ ମୁଣ୍ଡ ଟେକିବ । ଏଠାରେ ଲିଖିତ ଯୋଗ୍ୟ ଯେ, ୨୦୦୭ ମସିହାରେ ମାନ୍ୟବର ସୁପ୍ରିମ କୋର୍ଟ ଜିଏମ ସଂକ୍ରାନ୍ତୀୟ ଜନସ୍ୱାର୍ଥ ମାମଲାର ନିର୍ଦ୍ଦେଶନାମାରେ ପ୍ରତ୍ୟେକ ସ୍ତରରେ, ଏପରିକି କ୍ଷେତ୍ର ପରୀକ୍ଷା ସମୟରେ, ସଂକ୍ରମଣ ରୋକିବାକୁ ଆଦେଶ ଦେଇଥିଲେ ।



**୧୩। ଜୈବିକ ଚାଷ କ୍ରିୟା ଉପରେ ଏହାର ସିଧାସଳଖ ପ୍ରଭାବ ପଡିବ ।** ଜିଏମ ଫସଲ ସହ ଅନ୍ୟ କିସମଗୁଡିକ ସଂକ୍ରମିତ ହୋଇଗଲେ ଜୈବିକ ଚାଷୀମାନେ ନିଜର ମାନ୍ୟତା ହରାଇବେ, ଜୈବିକ ବୋଲି ପ୍ରମାଣପତ୍ର ମିଳିବ ନାହିଁ । ଏପରିକି ଜିଏମ ସୋରିଷରୁ ପ୍ରସ୍ତୁତ ସୋରିଷ ପିଡିଆ ଜମିରେ ପକାଇଲେ ମାଟିର ଉର୍ବରତାରେ ଭିନ୍ନତା ଆସିବ ।

**୧୪। ଖାଉଟିମାନଙ୍କ ପାଖରେ ଅଉ କିଛି ଉପାୟ ନ ଥିବ ।** ଜିଏମ ସୋରିଷ ହେଉ କି ଅନ୍ୟ କୌଣସି ଜିଏମ ଫସଲ ହେଉ, ଖାଉଟିଙ୍କର କେତେଗୁଡିଏ ଅଧିକାର ଭଙ୍ଗ ହେବା, ଯେମିତିକି ନିଜେ ଖାଉଥିବା ଖାଦ୍ୟରେ କଣ ଅଛି, ଜାଣିବାର ଅଧିକାର; ସବୁ ବିଷୟରେ ବିଷଦ ଜାଣି ଚୟନ କରିବାର ଅଧିକାର; ନିରାପଦ ଖାଦ୍ୟ ପାଇବାର ଅଧିକାର ଆଦି । ଯେହେତୁ ଜିଏମ ଫସଲରୁ ଅଣ ଜିଏମ ଫସଲ ସଂକ୍ରମଣ ରୋକିବାର କୌଣସି ପନ୍ଥା ନାହିଁ, ତେଣୁ ଖାଉଟିମାନେ ଚାହନ୍ତୁ କି ନ ଚାହନ୍ତୁ, ଜିଏମ ଫସଲ/ଖାଦ୍ୟ ଖାଇବାକୁ ବାଧ୍ୟ ହେବେ । ଜିଏମ ଖାଦ୍ୟ ଚିହ୍ନିତ କରିବାକୁ ଲେବେଲ ମାରିବା ସମ୍ଭବ ହେବନାହିଁ । ସେହିପରି ଥରେ ସଂକ୍ରମଣ ହୋଇଗଲେ ଚାଷୀ ଜିଏମ ଫସଲ ଚାଷ କରିବା ବ୍ୟତୀତ ଚାରା ନ ଥିବ ।

**୧୫। ଜିନରେ ପରିବର୍ତ୍ତନ ଆଣି ପ୍ରସ୍ତୁତ କରାଯାଇଥିବା ଜିଏମ ସୋରିଷ ପ୍ରାକୃତିକ ପ୍ରକ୍ରିୟାକୁ ସୀମିତ କରିବାର କୌଶଳ ଅଟେ ।** ଏହି କୌଶଳ ପ୍ରୟୋଗ କରି ପ୍ରାକୃତିକ ପୁରୁଷ ପ୍ରଜନନ କ୍ଷମତା ନଷ୍ଟ କରି ଦିଆଯାଇଛି । ଭାରତର Protection of Plant Varieties & Farmers' Rights Act ଅନୁସାରେ ଏହି କୌଶଳ [GURT (Genetic Use Restriction Technology] ସ୍ୱାସ୍ଥ୍ୟ ଓ ଜୀବନ ପକ୍ଷେ ହାନିକରକ ହୋଇଥିବାରୁ ଏହି କିସମଗୁଡିକ ପଞ୍ଜୀକରଣ କରାଯାଏ ନାହିଁ । ଜିଏମ ସୋରିଷ ରେ ପ୍ରୟୋଗ କରାଯାଇଥିବା କୌଶଳଗୁଡିକ ମଧ୍ୟରୁ କୌଣସିଟି ସମ୍ବନ୍ଧରେ IPR ଦିଆଯାଇଥିବାର ସ୍ପଷ୍ଟିକରଣ ମିଳିନାହିଁ । ଜନସାଧାରଙ୍କ ଗୋଚରରେ ଏଠି ସମ୍ବନ୍ଧରେ କିଛି ତଥ୍ୟ ନାହିଁ ।

**୧୬। ଆୟୁର୍ବେଦ ଚିକିତ୍ସାରେ ସୋରିଷ ବ୍ୟବହାର କରାଯାଏ । ଭାରତୀୟ ଚିକିତ୍ସା ପଦ୍ଧତି ଉପରେ ଏହାର କି ପ୍ରଭାବ ପଡିବ, ଅନୁଶୀଳନ କରାଯାଇନାହିଁ ।** ଆୟୁର୍ବେଦରେ ସୋରିଷକୁ ଉଭୟ ଖାଦ୍ୟ ଓ ଔଷଧ ରୂପେ ବ୍ୟବହାର କରାଯାଏ । ସୋରିଷ ମଞ୍ଜି ଓ ତେଲକୁ

ଏକକ ଭାବେ ତଥା ଅନ୍ୟ ଦ୍ରବ୍ୟ ସହ ମିଶାଇ ଔଷଧ ତିଆରି କରାଯାଏ । ଏସବୁ ଔଷଧୀୟ ବ୍ୟବହାର ଉପରେ ଏହାର କି ପ୍ରଭାବ ପଡିବ ତାହା ଏ ପର୍ଯନ୍ତ ଅନୁଶୀଳନ କରାଯାଇନାହିଁ, ତେଣୁ ଅସ୍ପଷ୍ଟ ।

**୧୭। ଜିଏମ ସୋରିଷ ମହୁ ମାଛି ଓ ମହୁ ଶିଳ୍ପକୁ ପ୍ରଭାବିତ କରିବ ।** ଜିଏମ ବିହନ କମ୍ପାନୀ ଦ୍ୱାରା ଅନ୍ୟ ସ୍ଥାନରେ କରାଯାଇଥିବା ଅନୁସନ୍ଧାନ ଅନୁଯାୟୀ ଏହାର କୁପରଭାବ ପଡିଛି । ମହୁମାଛିମାନେ ସୋରିଷ ଫସଲରୁ ଅନେକାଂଶରେ ମହୁ ସଂଗ୍ରହ କରିଥାନ୍ତି । ବିଶେଷ କରି ମହୁମାଛି ପାଳନ କରୁଥିବା ଚାଷୀମାନେ ସୋରିଷ ଫସଲ ଉପରେ ବେଶି ନିର୍ଭରଶୀଳ । ଏହା ଦ୍ୱାରା ସୋରିଷ ଉତ୍ପାଦନ ବି ବଢି ଥାଏ, ଉଭୟ ପ୍ରକ୍ରିୟାରେ ଚାଷୀ ଅଧିକ ଦୁଇ ପଇସା ରୋଜଗାର କରିପାରିଥାଏ । ଜିଏମ ସୋରିଷ ପ୍ରଚଳନ ମହୁମାଛିଙ୍କ ପାଇଁ ହାନିକରକ ହେଲେ ମହୁ ଉତ୍ପାଦନ ହ୍ରାସ ପାଇବ, ଏପରିକି ଆମ ଦେଶରୁ ମହୁ ରପ୍ତାନୀ ବି ଗ୍ରହଣୀୟ ହେବନାହିଁ ।

**୧୮। ସ୍ୱାସ୍ଥ୍ୟକର ତେଲ ଖାଇବା ନା ଅଧିକ ତେଲ ଖାଇବା ଉପରେ ଗୁରୁତ୍ୱ ଦେବା ?** ଆମ ଦେଶର ତେଲ ଖାଇବା ପରିମାଣ ଅନୁମୋଦିତ ସ୍ୱାସ୍ଥ୍ୟକର ସୀମା ଠାରୁ ଅଧିକ ଅଛି । ଅବଶ୍ୟ ଆମ ଦେଶର ବହୁ ଭାଗ ଆର୍ଥିକ ଦୃଷ୍ଟିରୁ ଗରିବ ପରିବାରବର୍ଗ ଏହି ନିର୍ଦ୍ଧାରିତ ସୀମା ଠାରୁ କମ ପରିମାଣର ତେଲ ଖାଉଛନ୍ତି । ମାତ୍ର ତେଲ ଚାହିଦା ପୂରଣ କରିବା ପରିବର୍ତ୍ତେ ସର୍ବ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଏହି ଗରିବ ପରିବାରଙ୍କୁ ସ୍ୱାସ୍ଥ୍ୟକର ତେଲ ଯୋଗାଇଦେବା ଏବଂ ଅଧିକ ତେଲ ଖାଉଥିବା ଶ୍ରେଣୀକୁ ତେଲ ଖାଇବା ପରିମାଣ କମାଇବାକୁ ପ୍ରବର୍ତ୍ତାଇବା ସିନା ସମାଧାନ ହେବ !

**୧୯। ଜିଏମ ସୋରିଷ ସମନ୍ଧୀୟ ତଥ୍ୟ ଗୋପନ ରଖାଯାଇଛି ।** ଏହି ଜିଏମ ସୋରିଷ ସମ୍ବନ୍ଧୀୟ ତଥ୍ୟ ଏ ପର୍ଯନ୍ତ ଗୋପନ ରଖାଯାଇଛି । ଏପରି କରି ନିୟନ୍ତ୍ରକମାନେ କଣ ଲୁଚାଇବାକୁ ଚାହୁଁଛନ୍ତି, କାହାକୁ ସୁରକ୍ଷା ଦେଉଛନ୍ତି, ତାହା ଅଜଣା । ଅଥଚ, ମାନ୍ୟବର ସୁପ୍ରିମ କୋର୍ଟ ଓ କେନ୍ଦ୍ରୀୟ ସୂଚନା କମିଶନର ଆଦେଶ ନୁସାରେ ନିୟନ୍ତ୍ରକମାନେ ଜନସାଧାରନଙ୍କ ଗୋଚର ଓ ନିରୀକ୍ଷଣାର୍ଥେ ସମସ୍ତ ତଥ୍ୟ ପ୍ରକାଶ କରିବା ଉଚିତ ।



**୨୦। ଜିଏମ ସୋରିଷ ପରୀକ୍ଷା ଶଠତାପୂର୍ଣ୍ଣ, ବିଜ୍ଞାନସମ୍ମତ ନୁହେଁ , ଯଥେଷ୍ଟ ନୁହେଁ କି ବିଶ୍ୱାସ ଯୋଗ୍ୟ ନୁହେଁ ।** ଦେଖାଯାଇଛି ଯେ ଏହାର ପ୍ରଭାବ, ବିପଦ ଆଦି ଆକଳନ କରିବାକୁ ଯେତେ ପରୀକ୍ଷା ଆବଶ୍ୟକ ସେସବୁ କରାଯାଇନାହିଁ । ଯାହା ବି ପରୀକ୍ଷା କରାଯାଇଛି, ସେଥିରେ ସମସ୍ତ ନିୟମ ସଠିକ ପାଳନ କରାଯାଇନାହିଁ ॥ ଆହୁରି ମଧ୍ୟ ଦେଖାଯାଇଛି ଯେ ପରୀକ୍ଷାରୁ ମିଳିଥିବା ତଥ୍ୟ ଓ ତାହାର ନିଷ୍କର୍ଷ ଭିତରେ ତାଳମେଳ ନାହିଁ । ତଥ୍ୟ ସଠିକ ବିଶ୍ଳେଷଣ କରାଯାଇନାହିଁ । ହସ୍ତଗତ ହୋଇଥିବା ସ୍ୱଳ୍ପ ତଥ୍ୟକୁ ନେଇ କେତେଜଣ ଦରଦୀ ଅଭିଜ୍ଞଙ୍କ ବିଶ୍ଳେଷଣ ଅନୁଯାୟୀ ପରୀକ୍ଷା ଶଠତାପୂର୍ଣ୍ଣ, ବିଜ୍ଞାନସମ୍ମତ ନୁହେଁ, ଯଥେଷ୍ଟ ନୁହେଁ କି ବିଶ୍ୱାସ ଯୋଗ୍ୟ ନୁହେଁ ।

**୨୧। ଏଥିରେ ବ୍ୟକ୍ତିଗତ ସ୍ୱାର୍ଥ ନିହିତ** – ଜିଏମ ସୋରିଷର ଆବେଦକମାନଙ୍କ ମଧ୍ୟରୁ ଜଣେ GEACର ସଦସ୍ୟ ଅଟନ୍ତି । ସୂଚନା ଅଧିକାର ଆଇନ ଜରିଆରେ ପ୍ରାପ୍ତ ସୁଚନା ଅନୁଯାୟୀ ପରୀକ୍ଷା ପାଇଁ ସର୍ତ୍ତାବଳୀ ବି ପ୍ରସ୍ତୁତକାରୀମାନେ ନିଜେ ପ୍ରସ୍ତୁତ କରିଥିଲେ । ପ୍ରସ୍ତୁତକାରୀଙ୍କ କହିବା ଅନୁସାରେ ପରୀକ୍ଷାଟି ବିଧିବଦ୍ଧ ଭାବରେ ICAR ଅନ୍ତର୍ଭୁକ୍ତ Directorate of Rapeseed Mustard Research (DRMR) ଦ୍ୱାରା ପରିଚାଳନା ଓ ପର୍ଯବେକ୍ଷଣ କରାଯାଇଛି । ମାତ୍ର DRMR ଏହା ଅସ୍ୱୀକାର କରିଛନ୍ତି । ଏପରି ପରିସ୍ଥିତିରେ ସାଧାରଣ ଲୋକ ଜିଏମ ସୋରିଷର ଉପକାରିତା ବିଷୟରେ କରାଯାଉଥିବା ଦାବିଗୁଡିକୁ ବିଶ୍ୱାସ କରିବେ କେମିତି !

**୨୨। ସୁପ୍ରିମ କୋର୍ଟର** Technical Expert Committee **ଏହାକୁ ମନା କରିଛନ୍ତି ।** ଜିଏମ ଫସଲର ଅବଶ୍ୟମ୍ଭାବୀ ବିପଦ ଆକଳନ ଓ ପ୍ରଚଳନ ବର୍ତ୍ତମାନ ସୁପ୍ରିମ କୋର୍ଟର ବିଚାରାଧିନ । ଜିଏମ ଫସଲ ସମ୍ବନ୍ଧିତ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ପାଇଁ ସୁପ୍ରିମ କୋର୍ଟଙ୍କ ଦ୍ୱାରା ହିଁ Technical Expert Committee ନିଯୁକ୍ତ କରଯାଇଥିଲା । TECର ଛଅ ଜଣ ବୈଜ୍ଞାନିକଙ୍କ ଛଅଟି ଅଲଗା ଅଲଗା ରିପୋର୍ଟ ଦେଇଛନ୍ତି । ସେଥି ମଧ୍ୟରୁ ପାଞ୍ଚଟି ରିପୋର୍ଟରେ ଅନେକ କାରଣ ଦର୍ଶାଇ ଭାରତରେ ତୃଣନାଶକ ସହନଶୀଳ ଜିଏମ ଫସଲ ପ୍ରଚଳନ ନିଷିଦ୍ଧ କରିବାକୁ ପରାମର୍ଶ ଦିଆଯାଇଥିବା ବେଳେ ଗୋଟିଏ ରିପୋର୍ଟରେ ବୈଜ୍ଞାନିକ ଜଣଙ୍କ ଜିଏମ ଫସଲ ପ୍ରଚଳନ ସପକ୍ଷରେ ଉଲ୍ଲେଖ କରିଛନ୍ତି । ପ୍ରକାଶ ଯୋଗ୍ୟ ଯେ ଏହି ବୈଜ୍ଞାନିକଜଣଙ୍କ ଜିଏମ ଉଦ୍ୟୋଗର ପୃଷ୍ଠପୋଷକତାରେ ଗଠିତ ଏକ ଅନୁଷ୍ଠାନ ସହ ସମ୍ପୃକ୍ତ ଅଛନ୍ତି । ଏହି Technical Expert Committee ବ୍ୟତୀତ କୃଷି ମନ୍ତ୍ରଣାଳୟ ଦ୍ୱାରା ଗଠିତ Task Force ମଧ୍ୟ ସେହି ଏକ ମତ ଦେଇଛନ୍ତି ।

**୨୩। ଆଇନ ଅନୁସାରେ ଉତ୍ତରଦାୟୀ ହେବେ କିଏ ? ଏପର୍ଯନ୍ତ ନିର୍ଦ୍ଦିଷ୍ଟ ହୋଇନାହିଁ।** ଜିଏମ ସୋରିଷ ହେଉ ବା ଅନ୍ୟ କୌଣସି ଫସଲ ହେଉ, ଏହାର ଉତ୍ତରଦାୟୀତ୍ୱତା ସମ୍ପର୍କରେ ବିଧିବଦ୍ଧ ଶାସନ ଶୃଙ୍ଖଳା/ବ୍ୟବସ୍ଥା ଆଦୌ ନ ଥାଇ ବି ଆବେଦନଗୁଡିକ ବିଚାର କରାଯାଉଛି, ସ୍ୱୀକୃତି ଦେବା ବା ନ ଦେବା ପାଇଁ ବିଚାର ହେଉଛି । ଏହି ବ୍ୟବସ୍ଥା ନ ଥିଲେ ପରେ କ୍ଷତିପୂରଣ ଦେବା, ଜୋରିମାନା କରିବା, କ୍ଷତିଗ୍ରସ୍ତଙ୍କ ବିଚାର କରିବା ବା ପ୍ରତିକାର ବ୍ୟବବସ୍ଥା ଗ୍ରହଣ କରିବା ପାଇଁ କାହାକୁ କୁହାଯିବ ? ଯେହେତୁ ଜନସାଧାରଣ ଓ ତାଙ୍କ ପରିବେଶ ହିଁ ଜିଏମ ଫସଲର କୁପ୍ରଭାବର ଶିକାର ହେବେ, ତେଣୁ ଏପ୍ରକାର ଫସଲ ପ୍ରଚଳନ ହେଲେ ଉତ୍ତରଦାୟିତ୍ୱ କିଏ ନେବେ – ନିୟନ୍ତ୍ରକଗଣ (?) ନା ଫସଲ ପ୍ରସ୍ତୁତକାରୀ (?) ନା ସରକାର (?)। ଏଥିପାଇଁ କାର୍ଯ ପ୍ରକ୍ରିୟା/ପଦ୍ଧତି ଏବଂ ଆଇନ-ଧାରା ସବୁକିଛି ପ୍ରଥମରୁ ହିଁ ସ୍ୱଷ୍ଟ ରହିବା ଜରୁରୀ ଅଟେ । ମାତ୍ର ଏହା ଏ ପର୍ଯନ୍ତ କରାଯାଇନାହିଁ, ଅଥଚ, ଫସଲ ପ୍ରଚଳନ ପାଇଁ ଅନୁମତି ଦେବାକୁ ବିଚାର ହେଉଛି ।

**୨୪। ଏହି ଜିଏମ ସୋରିଷର ଆବଶ୍ୟକତା ଆଦୌ ନାହିଁ ।** ଅଧିକ ଅମଳ ନାମରେ ଉତ୍ପାଦକ ଓ ଉପଭୋକ୍ତା, ଉଭୟଙ୍କ ଉପରେ ଏହି ନୂଆ କୌଶଳ ଲଦି ଦିଆଯାଉଛି । ପରନ୍ତୁ, ଠିକ ଯେମିତି ଏହି ଜିଏମ ଫସଲ କରିବା ଦ୍ୱାରା ଅମଳ ବୃଦ୍ଧିର କିଛି ପ୍ରମାଣ ନାହିଁ କିମ୍ବା ଅନ୍ୟ ହାଇବ୍ରିଡ କିସମ ଚାଷ ଯୋଗୁଁ ଉତ୍ପାଦନ ସ୍ତରରେ ବିଶେଷ କିଛି ପ୍ରଭାବ ପଡିନାହିଁ, ଚାଷ ପ୍ରକ୍ରିୟାରେ ସ୍ୱଳ୍ପ କେତୋଟି ପରିବର୍ତ୍ତନ ଆଣି ପାରିଲେ [System of Mustard Intensification (SMI)] ଅମଳ ପରିମାଣ ଯଥେଷ୍ଟ ବୃଦ୍ଧି ଘଟୁଥିବାର ପ୍ରମାଣ ମିଳିସାରିଛି । କରଦାତାମାନଙ୍କର ଶହେ କୋଟି ଟଙ୍କା ଏମିତି ଅନାବଶ୍ୟକୀୟ, ହାନିକରକ କୌଶଳ ପିଛା ନଷ୍ଟ ନ କରି ବରଂ ଏହିସବୁ କୃଷି ପ୍ରକ୍ରିୟା ପ୍ରତି ଦୃଷ୍ଟି ଦେଇ ଏଥିରେ ସମ୍ବଳ ବିନିଯୋଗ କଲେ ସମସ୍ତଙ୍କ ମଙ୍ଗଳ ହୁଅନ୍ତା ।

**୨୫। ଜିନ ପରିବର୍ତ୍ତନ କୌଶଳ ବିନା ବି ଭାରତର ତୈଳ ଉତ୍ପାଦନ ଯଥେଷ୍ଟ ପରିମାନନରେ ବୃଦ୍ଧି କରାଯାଇ ପାରିବ ।** ପ୍ରଥମତଃ, ଦେଶର ତୈଳ ଉତ୍ପାଦନ ଦୃଶ୍ୟପଟ୍ଟରେ ପରିବର୍ତ୍ତନ ଆଣିବାକୁ ହେଲେ ଜିଏମ କୌଶଳ ନୁହେଁ, ରାଜନୈତିକ ସଙ୍କଳ୍ପବଦ୍ଧତା ଦରକାର । ସୋରିଷ ଚାଷ ପାଇଁ ଉତ୍ସାହନ, System of Mustard Intensification (SMI) ପ୍ରକ୍ରିୟା ଅନୁସରଣ, ଫସଲ ପର୍ଯାୟ କ୍ରମରେ ଧାନ ଚାଷ ପରେ ଖାଲି ପଡୁଥିବା ଜମିରେ ସୋରିଷ ଚାଷ ଆଦି ଅବଲମ୍ବନ କରି ସୋରିଷ ଉତ୍ପାଦନ ବଢାଇ ହେବ । ଜରୁରୀ କାଳୀନ/ସୁରକ୍ଷା ଦାୟକ ଜଳସେଚନ ବ୍ୟବସ୍ଥା ସହିତ ଗୋଷ୍ଠୀ ପରିଚାଳିତ ଜଳ ସଦବ୍ୟବହାର ଦ୍ୱାରା ଚିନାବାଦାମ, ସୋୟାବିନ ପରି ଅନ୍ୟ କେତୋଟି ତୈଳବୀଜ ଉତ୍ପାଦନରେ ଉନ୍ନତି ଅଣାଯାଇପାରିବ । ସରକାରୀ ନୀତି ଦୃଷ୍ଟିରୁ, ତୈଳବୀଜ ରପ୍ତାନି-ଆମଦାନୀ ନୀତି ଆମ ଦେଶର ଚାଷୀଙ୍କୁ ସୁହାଇବା ପରି ହେବ ଉଚିତ । ଜମି ଉପଯୋଗ ନୀତି ମଧ୍ୟରେ ଅଧିକ ଜମିରେ ସୋରିଷ ଚାଷ କରିବାକୁ ପ୍ରୋତ୍ସାହନ ଦେବା ଆବଶ୍ୟକ । ସେହିପରି ଚାଷୀଙ୍କୁ ତୈଳବୀଜର ଉଚିତ ମୂଲ୍ୟ ଦେବା ଓ ସରକାରୀ କ୍ରୟ ନୀତି ନିର୍ଦ୍ଧାରଣ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ । ଆନୁଷ୍ଠାନିକ ଭାବରେ ବର୍ତ୍ତମାନ ପ୍ରଚଳନ ହେଉଥିବା ତୈଳବୀଜ ଚାଷ ପଦ୍ଧତିକୁ ବାସ୍ତବ କୃଷି କ୍ଷେତ୍ରରେ ସଠିକ ପ୍ରୟୋଗ କରିପାରିଲେ ଦେଶରେ ତୈଳବୀଜ ଉତ୍ପାଦନ ବୃଦ୍ଧି ପାଇବ ନିଶ୍ଚୟ । ଯଦି ଭାରତ ସରକାର ପ୍ରକୃତରେ ତୈଳବୀଜ ଉତ୍ପାଦନ ବଢାଇବାକୁ ଚିନ୍ତିତ, ତେବେ ସୁସ୍ଥାୟୀ ଫଳାଫଳ ନିମନ୍ତେ ଉପରଲିଖିତ ପ୍ରକ୍ରିୟାଗୁଡ଼ିକୁ ସବିଶେଷ ଅନୁସନ୍ଧାନ କରି କାର୍ଯରେ ପରିଣତ କରିପାରିବେ ।



**ଶେଷ କଥା:** ଉପର ଅନୁଚ୍ଛେଦଗୁଡିକରେ ବର୍ଣ୍ଣନା କରାଯାଇଥିବା କେତୋଟି କାରଣ ଆଧାରରେ ଜିଏମ ସୋରିଷ ଫସଲର ପ୍ରଚଳନ ପାଇଁ ଭାରତ ସରକାର ଅନୁମତି ଦେବାକୁ ଆମେ ବିରୋଧ କରୁ । ଶୁଣାଯାଉଛି ଯେ ହାଇବ୍ରିଡ ଜିଏମ ସୋରିଷକୁ ରଦ୍ଦ କରି ମୂଳ ପ୍ରକ୍ରିୟାକୁ ଅନୁମତି ଦିଆଯିବ । ଏହା ଏକ ପ୍ରବଞ୍ଚନା ମାତ୍ର ହେବ । କାରଣ ମୂଳ ପ୍ରକ୍ରିୟା ଅନୁସରଣରେ ପରବର୍ତ୍ତୀ ଫସଲ ମଧ୍ୟ ତୃଣନାଶକ ସହନଶୀଳ ହିଁ ହେବ, ଏହା ସହିତ ଅନ୍ୟାନ୍ୟ ସବୁ ସମସ୍ୟା/ଆଶଙ୍କା ଯେମିତିକୁ ସେମିତି ରହିବ ।

ବିଟି କପା ଓ ବିଟି ବାଇଗଣକୁ ବିରୋଧ କରିବା ପରି ଆମ କୃଷି ଓ ଖାଦ୍ୟ ବ୍ୟବସ୍ଥା ମଧ୍ୟରେ ଜିନ ପରିବର୍ତ୍ତିତ ଦ୍ରବ୍ୟର ଅନୁପ୍ରବେଶକୁ ଆଜି ମଧ୍ୟ ବିରୋଧ କରୁଛୁ । ବିଟି କପା ସମ୍ବନ୍ଧୀୟ ସମସ୍ତ ପ୍ରତିଶ୍ରୁତି ଓ ବଡ ବଡ କଥାର ସତ୍ୟତା ଆଜି 15 ବର୍ଷ ପରେ ଜଣାପଡିଯାଇଛି । ବେଆଇନ ବିଟି କପା ଚାଷ ଏତେ ମାତ୍ରାରେ ପ୍ରସାର ହୋଇଗଲା ଯେ ନିୟନ୍ତ୍ରକମାନେ ଆଉ ନିୟନ୍ତ୍ରଣ କରି ନ ପରି ବିଟି କପା ବ୍ୟବସାୟିକ ପ୍ରଚଳନ ପାଇଁ ଅନୁମତି ଦେଇଥିଲେ । ଆଜି କପା ଉତ୍ପାଦନ ପରିମାଣ ସ୍ଥାଣୁ ହୋଇଯାଇଛି । ମୂଳ କପା ଫସଲ କୀଟ ବୋଲ୍-ୱାର୍ମ କୀଟନାଶକ ନିରୋଧକ ହୋଇଯାଇଛି, ନୂଆ-ନୂଆ କୀଟର ପ୍ରଭାବ ବହୁ ମାତ୍ରାରେ ବଢି ଯାଇଛି । କୀଟନାଶକ ବ୍ୟବହାର ପରିମାଣ ବହିଗୁଣିତ ହୋଇଛି । ବିଶ୍ୱର କପା

ଉତ୍ପାଦନକାରୀ ୭୨ଟି ଦେଶ ମଧ୍ୟରେ ଭାରତର ସ୍ଥାନ ୩୧। ଆହୁରି ୨୩ଟି ଦେଶ ଜିଏମ କପା ଚାଷ ନ କରି ବି ଉତ୍ପାଦନରେ ଆମ ଠାରୁ ବହୁ ଆଗରେ ଅଛନ୍ତି ।

ବିଟି ବାଇଗଣ ପରିପ୍ରେକ୍ଷୀରେ ସୁପ୍ରିମ କୋର୍ଟଙ୍କର TEC ଏକ ସଦ୍ୟ ବିଶ୍ଳେଷଣରେ କରି କହିଛନ୍ତି ଯେ ଜିନ ପରିବର୍ତ୍ତନ କୌଶଳକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ରହିତାଦେଶ ଦେବା ସମ୍ପୂର୍ଣ୍ଣ ଠିକ ଓ ବିଜ୍ଞାନସମ୍ମତ ଥିଲା । ନିର୍ବାଚନ ସମୟରେ ଗୋଟିଏ ପ୍ରତିଶୃତି ଦେଇ ସରକାର ଗଠନ କଲା ପରେ ଅନ୍ୟ କିଛି କରିବାର ଦେଖି ଏବଂ ଏମିତି ବାରମ୍ବାର ଖାଦ୍ୟ ଓ କୃଷି ବ୍ୟବସ୍ଥା ମଧ୍ୟକୁ ବିଜ୍ଞାନ-ବିରୋଧୀ ଜିନ ପରିବର୍ତ୍ତିତ ଦ୍ରବ୍ୟ ଜୋର-ଜବରଦସ୍ତ ଭର୍ତ୍ତି କରିବାର ଉଦ୍ୟମକୁ ବିରୋଧ କରି କରି ଦରଦୀ ନାଗରିକମାନେ କ୍ଳାନ୍ତ ହୋଇପଡିଲେଣି ସିନା !

ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଜିଏମ କାନୋଲା (ସୋରିଷ ପରି ଆଉ ଏକ ତୈଳବୀଜ) ଚାଷ ଜମି ପରିମାଣ ହ୍ରାସ ପାଉଥିବା ବେଳେ ଓ ଏହା ପ୍ରଚଳନ କରି ପଶ୍ଚାତାପ କରୁଥିବା ବେଳେ ଭାରତ ସରକାର ଏହାର ବ୍ୟବସାୟିକ ପ୍ରଚଳନ ପାଇଁ ଅନୁରକ୍ତି ପ୍ରକାଶ କରୁଛନ୍ତି ! ଏବେ ତ ଆମର ସ୍ୱାସ୍ଥ୍ୟ ଓ ପରିବେଶ ଉପରେ ତୃଣନାଶକର କୁପ୍ରଭାବ ବିଷୟରେ ନିର୍ଦ୍ଦିଷ୍ଟ ପ୍ରମାଣ ମିଳିସାରିଲାଣି । ନିକଟ ଅତୀତରେ, ବିଟି ବାଇଗଣ ଉପରେ ରହିତାଦେଶ ଜାରି ହେବା ପରେ, ଜିଏମ ଫସଲର ଅନେକ କୁପ୍ରଭାବ ବିଷୟରେ ଆହୁରି ପ୍ରମାଣ ମିଳିସାରିଲାଣି । ମାତ୍ର ମାନ୍ୟବର ସୁପ୍ରିମ କୋର୍ଟ ଓ ସୂଚନା ଅଧିକାର ଆଇନ କମିଶନଙ୍କର ନିୟନ୍ତ୍ରକମାନଙ୍କୁ ଆଦେଶ ସତ୍ତ୍ୱେ ଏହି ଜିଏମ ସୋରିଷର ଜୈବସୁରକ୍ଷା ନେଇ କିଛି ତଥ୍ୟ ସର୍ବସାଧାରଣଙ୍କ ଗୋଚରାର୍ଥେ ଏଯାବତ ଦିଆଯାଇ ନାହିଁ । ଅତୀତରେ ବି ନିୟନ୍ତ୍ରକମାନେ ଅନ୍ୟ ଜିଏମ ଦ୍ରବ୍ୟ ପାଇଁ ଆପୋଷ ବୁଝାମଣା କରିନେଇଥିଲେ । ବିଶ୍ବାସ ଜନ୍ମାଇବା ଭଳି କିଛି ସେମାନେ ଇତି ମଧ୍ୟରେ କରିନାହାନ୍ତି ଯେ ଆମେ ତାଙ୍କୁ ଭରସା କରିପାରିବା ! ତେଣୁ ଆମ ସ୍ୱାସ୍ଥ୍ୟ ଓ ପରିବେଶକୁ ଅଦରକାରୀ, ଅବାଞ୍ଛିତ, ଆଶଙ୍କା ଜନକ କୌଶଳ ଓ ତାର ପ୍ରଭାବରୁ ସୁରକ୍ଷିତ ରଖିବାକୁ ଆମେ ପ୍ରତ୍ୟେକେ ସକ୍ରିୟ ହେବା ଶ୍ରେୟସ୍କର ।

**ଏହି ଜିଏମ ସୋରିଷକୁ ବିରୋଧ କରନ୍ତୁ। ଆମ ଖାଦ୍ୟ, କୃଷି ଓ ପରିବେଶ ମଧ୍ୟରେ ଜିଏମ ଦ୍ରବ୍ୟ ଅନୁପ୍ରବେଶକୁ ବିରୋଧ କରନ୍ତୁ ।**
**ଆସନ୍ତୁ, ସମସ୍ତେ ମିଶି ଚାଷୀ ଦ୍ୱାରା ନିୟନ୍ତ୍ରିତ, ନିରାପଦ, ମିତବ୍ୟୟୀ ଓ ସୁସ୍ଥାୟୀ କୌଶଳ ମାଧ୍ୟମରେ ଭାରତୀୟ କୃଷି ବ୍ୟବସ୍ଥାକୁ ଦୃଢ କରିବା ।**



**ସବୁ ଜିନ ପରିବର୍ତ୍ତିତ ଫସଲ ସହ ଏହି ନିର୍ଦ୍ଦିଷ୍ଟ ଜିଏମ ସୋରିଷକୁ ବିରୋଧ କରି ପରିବେଶ ବିଭାଗୀୟ ମନ୍ତ୍ରୀଙ୍କୁ ପିଟିସନ ପଠାଇପାରିବେ ।**
ଠିକଣା - MOEFCC@NIC.IN

Please sign on the online petition at: www.change.org/p/indian-govt-say-no-to-gm-mustard
Leave missed call at 044 3312 4242

ସର୍ବ ସାଧାରଣ ସ୍ୱାର୍ଥରେ ଜିଏମ-ମୁକ୍ତ ଭାରତ ପାଇଁ ସଙ୍ଗଠନ [Coalition for a GM-Free India] ଦ୍ୱାରା ପ୍ରକାଶିତ ।
ଅଧିକ ଜାଣିବା ପାଇଁ ପଢନ୍ତୁ : www.indiagminfo.org ,   www.facebook.com/gmwatchindia